# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 December – 2025

*********************************

## ମୁଖ୍ୟ ସମ୍ବାଦ

- ବର୍ତ୍ତମାନ ସମୟରେ ଶକ୍ତି ସଂରକ୍ଷଣ ବିକଳ୍ପ ନୁହେଁ ବରଂ ଆବଶ୍ୟକତା; କହିଲେ ରାଷ୍ଟ୍ରପତି

– ଶକ୍ତି ସଂରକ୍ଷଣ ଦିବସ ଅବସରରେ ପ୍ରଦାନ କଲେ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର

- ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଏ; କହିଲେ ପ୍ରଧାନ ବିଚାରପତି

– କଟକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ

- ଭାରତୀୟ ଜନତା ପାର୍ଟିର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ହେଲେ ନୀତିନ ନବୀନ

ଏବଂ

- ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀ ମରାମତି ନେଇ ଏ.ଏସ୍.ଆଇ.କୁ ପତ୍ର ଲେଖିଲେ ମୁଖ୍ୟ ପ୍ରଶାସକ

GNR

# ପ୍ରେଜ୍-ଏନର୍ଜି କନଜରଭେସନ ଡେ

ଶକ୍ତି ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ଏ କ୍ଷେତ୍ରରେ ଦେଶର ସଫଳତାକୁ ପ୍ରତିପାଦନ କରିବା ଲକ୍ଷ୍ୟ ନେଇ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ନୂଆଦିଲ୍ଲୀଠାରେ ଆଜି ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ସ୍ୱଚ୍ଛ ଶକ୍ତିର ନିଜର ପ୍ରତିବଦ୍ଧତାକୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ପୂର୍ଣ୍ଣ କରିଛି। ଏହା ଦେଶର ଶକ୍ତି ଦକ୍ଷତା ଏବଂ କାର୍ବନ ହ୍ରାସ କରିବା ଦିଗରେ ବଡ଼ ଉପଲବ୍ଧି। ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମୟରେ ବିକଳ୍ପ ନୁହେଁ, ବରଂ ବଡ଼ ଆବଶ୍ୟକତା। ସଞ୍ଚିତ ପ୍ରତ୍ୟେକ ୟୁନିଟ୍ ଶକ୍ତି ପ୍ରକୃତି ପ୍ରତି ଦାୟିତ୍ୱବୋଧକୁ ପ୍ରତିଫଳନ କରିବା ସହ ଭବିଷ୍ୟତ ପୀଢ଼ି ପାଇଁ ଯତ୍ନ ଏବଂ ସମ୍ବେଦନଶୀଳତା ପ୍ରଦର୍ଶନ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

**- V/O -**

ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ଏବଂ ଶକ୍ତି ସଂରକ୍ଷଣ ଆଧାରିତ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

I&PR

## ଶକ୍ତି ସଂରକ୍ଷଣ

ଶକ୍ତି ସଂରକ୍ଷଣକୁ କେବଳ ଅଭ୍ୟାସ ଭାବରେ ନୁହେଁ ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଜି ଶକ୍ତି ସଂରକ୍ଷଣ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ’ ପ୍ରତ୍ୟେକ ଘରେ ଆର୍ଥିଂ ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ସିଂହଦେଓ କହିଛନ୍ତି, ରାଜ୍ୟ ସରକାର ଜଳବାୟୁ ସ୍ଥିରତା ଓ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହ ସମନ୍ୱୟ ରଖି ଶକ୍ତି, ଦକ୍ଷତା ଓ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ’ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ।

Boudh

## ଶକ୍ତି ସଂରକ୍ଷଣ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଶକ୍ତି ସଂରକ୍ଷଣ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶକ୍ତି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ପଦଯାତ୍ରା,

ଶିକ୍ଷା ଶିବିର, ପୋଷ୍ଟର ତିଆରି ଏବଂ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା ।

Desk

## ପ୍ରଧାନ ବିଚାରପତିଙ୍କ ଓଡ଼ିଶା ଗସ୍ତ

ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଇଥାଏ ବୋଲି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆଜି କଟକ ସହିଦ ଭବନଠାରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ସାଧାରଣ ଲୋକ ଓ ନ୍ୟାୟ ମଧ୍ୟରେ ମୋକଦ୍ଦମାରେ ଖର୍ଚ୍ଚ ହେଉଥିବା ଟଙ୍କା ଏବଂ ବିଳମ୍ବିତ ନ୍ୟାୟ ବାଧା ସୃଷ୍ଟି କରିଥାଏ । ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା ସହ ନ୍ୟାୟ ପାଇବା ନେଇ ଅନିଶ୍ଚିତତା ଦୂର କରିବା ପାଇଁ ପ୍ରଧାନ ବିଚାରପତି ଆହ୍ୱାନ ଦେଇଛନ୍ତି ।  ଲୋକମାନେ ଅନେକ ମାମଲାରେ କୋର୍ଟ କଚେରୀ ଯିବା ପୂର୍ବରୁ ମଧ୍ୟସ୍ଥତା ମାଧ୍ୟମରେ ସେଗୁଡ଼ିକର ସମାଧାନ ହୋଇପାରିଲେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ସଂଖ୍ୟା ହ୍ରାସ ସହ ଖର୍ଚ୍ଚ କମ୍ ହେବ । ସେହିଭଳି ନ୍ୟାୟ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଜଘନ୍ୟ ଅପରାଧ ମାମଲାଗୁଡ଼ିକର ସମାଧାନ ପାଇଁ ସ୍ୱତନ୍ତ୍ର କୋର୍ଟ ଉପରେ ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ କହିଛନ୍ତି, କୋର୍ଟର ଡିଜିଟାଲକରଣ, ଇ-ଫାଇଲିଂ ଆଦି

ଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ ଓ ସମୟସାପେକ୍ଷ ହୋଇପାରିବ। ଏହି ଅବସରରେ ଜଷ୍ଟିସ୍ ଟଣ୍ଡନ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ନେଇ ଗୁରୁତ୍ୱ ପ୍ରଦାନ କରିଥିଲେ।

GNR/Desk

## ବିଜେପି କାର୍ଯ୍ୟକାରୀ ଅଧ୍ୟକ୍ଷ

ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡ ପକ୍ଷରୁ ନୀତିନ ନବୀନଙ୍କୁ ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ନୀତିନ ନବୀନ ବର୍ତ୍ତମାନ ବିହାର ସରକାରରେ ମନ୍ତ୍ରୀ ଅଛନ୍ତି। ସେ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ନୀତିନ୍ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

Desk

## ପୁରୀ- ମେଘନାଦ ପାଚେରୀ

ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ.କୁ ମେଘନାଦ ପାଚେରୀ ମରାମତି ପାଇଁ ପତ୍ର ଲେଖିଛନ୍ତି। ମେଘନାଦ ପାଚେରୀରେ ପାଣି ଗଳୁଥିବାରୁ ବୈଜ୍ଞାନିକ ସମ୍ମତ ଅନୁଧ୍ୟାନ ସହ ସ୍ଥାୟୀ ମରାମତି ବ୍ୟବସ୍ଥା ପାଇଁ ଶ୍ରୀ ପାଢ଼ି ପତ୍ର ଲେଖିଛନ୍ତି।

I&PR/Malkangiri

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ମାଲକାନଗିରିର ୭୫ ଜଣ ବରିଷ୍ଠ ନାଗରିକ ତାମିଲନାଡୁର ରାମେଶ୍ୱରମ୍ ଓ ମଦୁରାଇ ତୀର୍ଥ

କ୍ଷେତ୍ର ପରିଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲାର ଏହି ତୀର୍ଥଯାତ୍ରୀ ଦଳ ଆସନ୍ତାକାଲି ରାୟଗଡ଼ା ରେଳଷ୍ଟେସନ୍‌ରୁ ରାମେଶ୍ୱରମ୍-ମଦୁରାଇ ଅଭିମୁଖେ ଯାତ୍ରା କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ନବମ ପର୍ଯ୍ୟାୟ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ଏହି ଟ୍ରେନ୍‌ରେ ବିଭିନ୍ନ ଜିଲ୍ଲାରୁ ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଅଧିକାରୀ ଯାତ୍ରା କରିବେ।

Malkangiri

## ଏମ୍.ଭି.-୨୬ ଗ୍ରାମ ପୋଡ଼ାଜଳା

ମାଲକାନଗିରି ଜିଲ୍ଲାର ଏମ୍‌ଭି-୨୬ ଗ୍ରାମରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ସୁଧାର ଆସୁଛି। ପୁଲିସ ଗତକାଲି ୯ ଜଣଙ୍କୁ ଗିରଫ କରିଥିବାବେଳେ ଆଜି ପୁଣି ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଗିରଫ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ବିଭିନ୍ନ ଦଳର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ପରେ ସେ ରାଖାଲଗୁଡ଼ା ଗ୍ରାମ ଗସ୍ତ କରି ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ଏମ୍.ଭି.-୨୬ ଗ୍ରାମରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକ୍ତରୀ ଦଳ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରିଛି। ଭାରତୀୟ ରେଡକ୍ରସ୍ ସୋସାଇଟି ପକ୍ଷରୁ ଗ୍ରାମବାସୀଙ୍କୁ ପୋଷାକ, କମ୍ବଳ ଏବଂ ରୋଷେଇ ସାମଗ୍ରୀ ପ୍ରଭୃତି ବଣ୍ଟନ କରାଯାଇଛି।

BHK

## ନଦୀବନ୍ଧ ପଥର ପ୍ୟାକିଂ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଆରଡ଼ି ଅନ୍ତର୍ଗତ ଦୋହୋରା ପାଟଣାରୁ ବୋଡୋକ ପର୍ଯ୍ୟନ୍ତ ୯ କୋଟି ୮୭ ଲକ୍ଷ ଟଙ୍କା ବ୍ୟୟରେ ନଦୀବନ୍ଧ ପଥର ପ୍ୟାକିଂ ବ୍ୟବସ୍ଥା କରାଯାଇଛି । ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି । ବ୍ରାହ୍ମଣ ନଦୀ ଗତିପଥ ବଦଳାଇବା, କୂଳଲଂଘିବା, ଚାଷଜମି ଏବଂ ଜନବସତି ଆଡ଼କୁ ସମୁଦ୍ର ଜୁଆର ପାଣି ମାଡ଼ି ଆସିବା ଅଭିଯୋଗ ହେବାରୁ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

Desk

## ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିଦ୍ଧାଣି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଭୁବନେଶ୍ୱର ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ କରାଯାଇଛି । ଏହି ଅବସରରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବଭବନ ଠାରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହେଉଛି ।

Nuapada

## ପ୍ରାଣୀ ସମ୍ପଦ ମେଳା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା–୨୦୨୫ ଅନୁଷ୍ଠିତ ହୋଇଯାଇଛି ।  ନୂଆପଡ଼ା

ବିଧାୟକ ଜୟ ଢୋଲକିଆ ଏହି ମେଳାକୁ ଉଦ୍‌ଘାଟନ କରିବା ସହ ସମନ୍ୱିତ କୃଷି, ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଅନେକ ରିହାତି ଯୋଜନା ପ୍ରଣୟନ ହୋଇଥିବା ବେଳେ ଚାଷୀମାନେ ଏହାର ସୁଫଳ ନେବା ପାଇଁ ଏହି ଅବସରରେ ଅତିଥିମାନେ ମତ ଦେଇଛନ୍ତି।

HS

## ଧାନ କିଣା

ରାଜ୍ୟ ସରକାର ଆସନ୍ତା ୨୩ ତାରିଖରୁ ଗଞ୍ଜାମ ଜିଲ୍ଲାର ଚାଷୀମାନଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ କିଣିବେ। ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ପୂର୍ବରୁ ପଡ଼ୋଶୀ ରାଜ୍ୟର ବେପାରୀ ଚାଷୀମାନଙ୍କଠାରୁ କମ୍ ଦରରେ ଧାନ କିଣିବା ନେଇ ସତର୍କ ରହିବାକୁ ପୁଲିସ ପ୍ରଶାସନ ଓ ଯୋଗାଣ ବିଭାଗକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

Koraput

## ପରବ-୨୦୨୫

କୋରାପୁଟ ଜିଲ୍ଲାରେ ପରବ-୨୦୨୫ ଉପଲକ୍ଷେ ବି.ଏସ୍.ଏଫ୍. ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ କ୍ରସ୍ କଣ୍ଟ୍ରି ରନ୍ କୋରାପୁଟ୍’ ଆୟୋଜିତ ହୋଇଯାଇଛି। ଜିଲ୍ଲା ପୁଲିସ ପଡ଼ିଆରେ ଆୟୋଜିତ ଏହି ୫ କିଲୋମିଟର ଦୌଡ଼ରେ ୯୦୦ ଜଣ ଯୁବକ ଯୁବତୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ

ଅଧୀକ୍ଷକ ରୋହିତ ବର୍ମା ଏବଂ ସୀମାସୁରକ୍ଷା ବଳ ଉପ-ମହାନିର୍ଦ୍ଦେଶକ ସତ୍ୟବାନ୍ ଖାନସିଂ ଅତିଥିଭାବେ ଯୋଗ ଦେଇଥିଲେ ।

BHK

## ଶିଶୁ ମେଳା

ଭଦ୍ରକ ଜିଲ୍ଲା ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ମେଳା ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଡକ୍ଟର ସୁଧାଂଶୁ ଶେଖର ନାୟକ ଏହି ମେଳାରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନା ଆତ୍ମନିର୍ଭର ଭାରତ ପାଇଁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି ।

DHNKL

## ଖେଳ ମହୋତ୍ସବ

ଢେଙ୍କାନାଳ ଜିଲ୍ଲା ଓ.ଏସ୍.ଏ.ପି. ପ୍ରଥମ ବାଟାଲିୟନ୍‌ଠାରେ ସାଂସଦ ଖେଳ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି । ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଖେଳକୁଦରେ ନିରନ୍ତର ଅଭ୍ୟାସ କଲେ ଆଗକୁ ଯିବା ରାସ୍ତା ପ୍ରଶସ୍ତ ହେବ ବୋଲି କହିଛନ୍ତି । ଦେଶର ୬୫ ପ୍ରତିଶତ ଯୁବପିଢ଼ି ସୁସ୍ଥ ରହିଲେ ଦେଶ ମଧ୍ୟ ସୁସ୍ଥ ରହିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଉତ୍ସବରେ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ଶତ୍ରୁଘ୍ନ ଜେନା, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ସାଂସଦ ଖେଳ ମହୋତ୍ସବ

ଯାଜପୁର ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ସାଂସଦ ଖେଳ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ସାଂସଦ ଡକ୍ଟର ରବିନାରାୟଣ ବେହେରା ଯୋଗଦେଇ ଭାରତର ସମୃଦ୍ଧ ଜ୍ଞାନ, ପରମ୍ପରାକୁ ପାଥେୟ କରି ଏକ ବିକଶିତ ଭାରତ ନିର୍ମାଣ କରିବା ଦିଗରେ ଯୁବଶକ୍ତିଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଛନ୍ତି । ଯୁବପିଢ଼ିଙ୍କ ପ୍ରତିଭାକୁ ବିକଶିତ କରିବା ସାଂସଦ ଖେଳ ମହୋତ୍ସବର ଉଦ୍ଦେଶ୍ୟ ବୋଲି ଶ୍ରୀ ବେହେରା କହିଛନ୍ତି । ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଅନୁଷ୍ଠିତ ୮ଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଧାବିକା ଦୂତି ଚାନ୍ଦ ଯୋଗ ଦେଇଥିଲେ ।